





ନୋହ ଏବଂ ମହାପ୍ରଳୟ ଜଳପ୍ଲାବନ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଆଦିପୁସ୍ତକ ୬-୧୦

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦



# ନୋହ ଏବଂ ମହାପ୍ରଳୟ ଜଳପ୍ଲାବନ


ଲେଖକ Edward Hughes
ଦୃଷ୍ଟାନ୍ତ Byron Unger; Lazarus

ଅନୁବାଦକ Prasanta Bhuyan
ଉପ୍ଯୋଜକ M. Maillot; Tammy S.


କାହାଣି ୬୦ ରୁ ୩


**M1914.org**

**Bible for Children, PO Box 3, Winnipeg MB R3C 2G1 Canada**



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପ୍ଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପ୍ଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚ଼ାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚ଼ିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।

ଓଡ଼ିଆ Oriya







ସଦାପ୍ରଭୁ ପରମେଶ୍ୱର ନୋହଙ୍କୁ ସତର୍କ କରାଇ
କହିଲେ, ଏକ ମହାପ୍ରଳୟ ଜଳପ୍ଲାବନ ଆସି ପୃଥିବିକୁ
ଘୋଡ଼ାଇବ । ସଦାପ୍ରଭୁ ପରମେଶ୍ୱର ନୋହଙ୍କୁ
ଆଦେଶ କରି କହିଲେ ତୁମ୍ଭେ କାଠରେ ଏକ
ବଡ଼ ଜାହାଜ ନିର୍ମାଣ କର ଯେଉଁଥିରେ
ତୁମ୍ଭର ପରିବାର ଓ ଅନେକ ପଶୁ,
ପକ୍ଷୀ ଗୁଡ଼ିକ ବାସ
କରିପାରିବେ ।
3
ଆଉ ସଦାପ୍ରଭୁ ସଠିକ ଭାବରେ ନୋହଙ୍କୁ ଶିକ୍ଷାପ୍ରଦାନ
କଲେ । ତହିଁରେ ନୋହ କାର୍ଯରେ ବ୍ୟସ୍ତ ହେଲେ ।
4
ଲୋକମାନେ ନୋହଙ୍କୁ ପରିହାସ
କରିଥାଇ ପାରନ୍ତି, ମାତ୍ର ସେ
ଲୋକମାନଙ୍କୁ ବ୍ୟାଖ୍ୟା
କରି କହୁଥିଲେ ଯେ
ସେ କଣପାଇଁ
ଜାହାଜ
ନିର୍ମାଣ
କରୁଛନ୍ତି । ନୋହ
ସେ ପ୍ରକାରେ ଜାହାଜ
ନିର୍ମାଣ କରିଚ଼ାଲିଲେ ।
ନୋହ ମଧ୍ୟ ସଦାପ୍ରଭୁଙ୍କ
ବିଷୟରେ ଲୋକମାନଙ୍କୁ
କହିଚ଼ାଲିଲେ । ଆଉ କେହି ମଧ୍ୟ
ନୋହଙ୍କୁ ଶୁଣିଲେ ନାହିଁ ।
5
ନୋହଙ୍କର ବଡ଼ ବିଶ୍ୱାସ
ଥିଲା । ଯଦିବା ପୁର୍ବରୁ
କେବେହେଁ ବୃଷ୍ଟିପାତ
ହୋଇନଥିଲା ତଥାପି ସେ
ପରମେଶ୍ୱରଙ୍କୁ ବିଶ୍ୱାସ କଲେ ।
ଅନ୍ୟାନ୍ୟ ଆବଶ୍ୟକତାମାନ
ଭର୍ତ୍ତି କରିବାକୁ ଜାହାଜ ଶିଘ୍ର
ପ୍ରସ୍ତୁତ ହେଲା ।
6
ବର୍ତ୍ତମାନ ପଶୁପକ୍ଷୀମାନେ ଆସିଲେ । ସଦାପ୍ରଭୁ ପରମେଶ୍ୱର ପ୍ରତ୍ୟକ
ଶୁଚ଼ି ପଶୁ ଜାତିର ସାତ ଦ ତିକୁ ଆଣିଲେ, ଅନ୍ୟାନ୍ୟରୁ କେବଳ ଦୁଇଟି ।
ଛୋଟ ଏବଂ ବଡ଼ପକ୍ଷୀ, ଗେଡ଼ା ଏବଂ ଡେଙ୍ଗା ପଶୁ ଜାହାଜକୁ
ଅସିଗଲେ ।
7
ଏହାହୋଇପାରେ ଲୋକମାନେ
ନୋହଙ୍କୁ ପରିହାସ ଓ ଅପମାନ
କରିଥିବେ, ଯେତେବେଳେ ନୋହ
ସର୍ବପ୍ରକାର ଜୀବଜନ୍ତୁ ଯୋଡ଼ା
ଯୋଡ଼ା ଦ ତିକ୍ରମେ
ଜାହାଜରେ ଭର୍ତ୍ତି
କଲେ ।
8
ସେମାନେ ପରମେଶ୍ୱରଙ୍କ
ବିରୁଦ୍ଧରେ ପାପ କରିବା ବନ୍ଦ କଲେ
ନାହିଁ । ଏବଂ ଜାହାଜରେ ପ୍ରବେଶ
କରିବାକୁ ମଧ୍ୟ ସେମାନେ
ନୋହଙ୍କୁ ପଚ଼ାରିଲେ
ନାହିଁ ।
9
ଅନ୍ତିମରେ, ଅନେକ ପ୍ରକାର ପଶୁ
ପକ୍ଷୀମାନେ ଜାହାଜ ଭିତରକୁ
ଆସିଲେ । ଜାହାଜ
ଭିତରକୁ ଆସିବାକୁ,
ପରମେଶ୍ୱର
ନୋହଙ୍କୁ ଆମନ୍ତ୍ରଣ
କଲେ । ତୁମ୍ଭେ ଏବଂ
ତମ୍ଭର ପରିବାର । ।
ନୋହ ଏବଂ ତାଙ୍କରି ଭାର୍ଯ୍ୟା,
ତାଙ୍କର ତିନିପୁତ୍ର, ପୁଣି ସେମାନଙ୍କ
ସହିତ ସେମାନଙ୍କର ଭାର୍ଯ୍ୟା ଜାହାଜରେ
ପ୍ରବେଶ କଲେ । ତହିଁରେ ଅନନ୍ତର
ସଦାପ୍ରଭୁ ପରମେଶ୍ୱର ପାର୍ଶଦ୍ୱାର ବନ୍ଦ କଲେ ।
10
ସେତେବେଳେ
ବୃଷ୍ଟିପାତ ହେଲା । ଅନନ୍ତର ଚ଼ାଳିଶ
ଦିନ ଏବଂ ରାତ୍ରି ଅତ୍ୟାଧିକ ବୃଷ୍ଟିପାତ ହୋଇ
ପୃଥିବୀକୁ ସୁର୍ଣ୍ଣଭାବେ ଓଦା କରିଦେଲା ।
11
ଜଳ ପ୍ଲାବନ
ସମଗ୍ର ଗ୍ରାମ୍ୟାଞ୍ଚଳ
ଏବଂ ସହର ମାନଙ୍କରେ
ବିସ୍ତୃତ ହେଲା । ଯେତେବେଳେ ବୃଷ୍ଟିପାତ
ଥମିଗଲା, ସେହି ସମୟରେ ଉଚ୍ଚତମ ପାହାଡ଼ ଗୁଡ଼ିକ
ସୁଧା ପାଣି ଭିତରେ ବୁଡ଼ିଥିଲେ । ନିଶ୍ୱାସ
ପ୍ରଶ୍ୱାସ ଧାରି ସମସ୍ତଙ୍କର ମୃତ୍ୟୁ ହେଲା ।
12
ଯେପରି ଜଳ ବୃଦ୍ଧି ପାଇଲା, ଜାହାଜ
ପାଣି ଉପରେ ଭାସିଲା । ଏହାର ଭିତର
ପାର୍ଶ୍ୱ ଅନ୍ଧକାର, ବୋଧହୁଏ ଧକଚକିଆ
ଓ ଭୟାବହ ହୋଇ ଥାଇପାରେ ।
କିନ୍ତୁ ନୋହଙ୍କ ଆଶ୍ରୟ ସ୍ଥାନ ବନ୍ୟାରୁ
ନିରାପଦ ଥିଲା ।
13
ଜଳ ପ୍ଲାବନର ପାଞ୍ଚମାସ ପରେ, ସଦାପ୍ରଭୁ
ପରମେଶ୍ୱର ସୁଖିଲା ବାୟୁ ବୁହାଇଲେ, ତହିଁରେ ଜଳ
ଥମିଗଲା, ପୁଣି ଆରାରୋଟ ପର୍ବତ ଉପରେ ଜାହାଜ
ରହିଗଲା । ଯେପର୍ଯନ୍ତ ଜଳର ହ୍ରାସ ପାଇଲା
ନାହିଁ । ନୋହ ଅନନ୍ତର ଚ଼ାଳିଶ ଦିନ
ପର୍ଯନ୍ତ ଜାହାଜ
ଭିତରେ
ରହିଲେ ।
14
ନୋହ ଗୋଟିଏ ଝରକା ଖୋଲି
ଏକ ଡାମରା କାଉ ଓ କାପ୍ତାକୁ
ବାହାରକୁ ଉଡ଼ାଇ ଦେଲେ ।
ସେତେବେଳେ ପୃଥିବୀ ଜଳଛାଦିତ
ଥିବାରୁ କାପ୍ତା ଆପଣା ପାଦ ରଖିବାକୁ
ସ୍ଥାନ ନ ପାଇ ଜାହାଜକୁ
ନେଉଟି ଆସିଲା ।
15
ଆଉ ସାତ ଦିନ ବଳମ୍ବ
କଲା ଉତ୍ତାରେ ସେହି କାପ୍ତାକୁ
ପୁନର୍ବାର ଜାହାଜରୁ ବାହାରକୁ
ଉଡ଼ାଇ ଦେଲେ । ତହିଁରେ କାପ୍ତା
ସଂଧ୍ୟାବେଳେ ତାଙ୍କ ନିକଟକୁ ଫେରି
ଆସିଲା । ଆଉ ଦେଖ, ତାହାର ଚ଼ଞ୍ଚୁରେ
ଜୀତ ବୃକ୍ଷର ନବୀନ ପଲ୍ଲବ ଥିଲା ।
ଆଉ ସାତଦିନ ବଳମ୍ବକରି, ସେହି କାପ୍ତାକୁ
ପୁନର୍ବାର ପଠାଇଲେ, ମାତ୍ର ତାଙ୍କ ନିକଟକୁ ନେଉଟି
ଆସିଲା ନାହିଁ, ତହିଁରେ ନୋହ ବୁଝିଲେ ।
16
ଅନନ୍ତର ପରମେଶ୍ୱର ନୋହଙ୍କୁ କହିଲେ, ଜାହାଜରୁ ବାହାରକୁ
ଯିବା ସମୟ ହୋଇଅଛି, ପୁଣି ସମସ୍ତ ପରିବାର ମିଳିମିସି
ଜାହାଜରେ ଥିବା ସମସ୍ତ ପଶୁପକ୍ଷୀ ଓ ଭୁଚ଼ର ପ୍ରାଣି,
ଉରୋଗାମି ସବୁ ଜୀବଜନ୍ତୁ
ବାହାରକୁ ଘେନିଯାଅ ।
17
ନୋହ ନିଷ୍ଚିନ୍ତ ଭାବରେ କୃତଜ୍ଞତା
ମନେ କରିଥିବେ । ନୋହ
ସଦାପ୍ରଭୁଙ୍କ ଉଦ୍ଧେଶ୍ୟରେ
ଯଜ୍ଞବେଦି ନିର୍ମାଣ କରି
ତାଙ୍କୁ ପୂଜା ଆରାଧନା କଲେ,
ଯେଉଁ ସଦାପ୍ରଭୁ ପରମେଶ୍ୱର
ନୋହଙ୍କୁ ଏବଂ ତାଙ୍କ ପରିବାରକୁ
ଭୟାନକ ଜଳପ୍ଲାବନରରୁ
ଉଦ୍ଧାର କଲେ ।
18